# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24th February - 2025

**********************************

## ମୁଖ୍ୟ ସମ୍ବାଦ

- ପି.ଏମ୍. କିଷାନ ଯୋଜନାରେ ୯ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୨୨ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

— କହିଲେ, ଗରିବ, କୃଷକ, ଯୁବକ ଓ ମହିଳାମାନେ ହେଉଛନ୍ତି ବିକଶିତ ଭାରତର ସୁଦୃଢ଼ ସ୍ତମ୍ଭ ।

- ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆସନ୍ତା ମାସ ୪ ତାରିଖରେ ଅନୁଷ୍ଠିତ ହେବ ନିର୍ବାଚନ ଅଧିକାରୀମାନଙ୍କ ସମ୍ମିଳନୀ ।

- ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ପ୍ରସ୍ତୁତିର ସମୀକ୍ଷା କଲେ ଆଇନ ମନ୍ତ୍ରୀ ।

ଏବଂ

- ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

*Desk*

# ପି.ଏମ୍. - କୃଷକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଭାଗଲପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଚାଷୀମାନଙ୍କୁ ଆଜି ୨୨ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଦେଶରେ କୃଷକଙ୍କ ସମ୍ମାନ, ସମୃଦ୍ଧି ଏବଂ ଶକ୍ତି ପ୍ରଦାନ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଗରିବ, କୃଷକ, ଯୁବକ ଓ ମହିଳାମାନେ ହେଉଛନ୍ତି ବିକଶିତ ଭାରତର ସୁଦୃଢ଼ ସ୍ତମ୍ଭ । ଏହି ବର୍ଗର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ।

***Voice :........***

ସୂଚନାଯୋଗ୍ୟ, ଦେଶର ୯ କୋଟି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ହିତାଧିକାରୀଙ୍କୁ ଆଜି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ଓଡ଼ିଶାର ୩୬ ଲକ୍ଷ ୯୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସାମିଲ୍ ହୋଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ କୃଷକ ପରିବାରଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ସହାୟତା ରାଶି ଦିଆଯାଉଛି । ୨୦୧୯ ମସିହାରେ ଏହି ଯୋଜନା ଆରମ୍ଭ ହୋଇଥିଲା।

# ପି.ଏମ୍. କିଷାନ-୨

ରାଜ୍ୟର ବିଭିନ୍ନ ସ୍ଥାନରେ ପି.ଏମ୍. କିଷାନ ସମ୍ମାନନିଧି ଯୋଜନାରେ କୃଷକଙ୍କୁ ଆର୍ଥିକ ସହାୟତା ଦିଆଯାଇଛି ।

ପି.ଏମ୍. କିଷାନ ଯୋଜନାରେ ଆଜି ସମ୍ବଲପୁର ଜିଲ୍ଲାର ୬୧ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୧୨ କୋଟି ଟଙ୍କାର ସହାୟତା ମିଳିଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଜିଲ୍ଲାର ୧ ଲକ୍ଷ ୨୦ ହଜାର ଚାଷୀ ପି.ଏମ୍. କିଷାନ୍ ଓ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଲାଭ ପାଉଛନ୍ତି । 'ସବ୍ କା ସାଥ୍, ସବ୍ କା ବିକାଶ'କୁ ମୂଳମନ୍ତ୍ର କରି ସରକାର ସମ୍ବଲପୁର ଜିଲ୍ଲାକୁ କୃଷି ଓ ଗ୍ରାମ୍ୟ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ବରଗଡ଼ ଜିଲ୍ଲା ଯଦୁମଣି ପ୍ରଧାନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଦେଖିଥିଲେ ଏବଂ ସରକାରଙ୍କ ଏହି ଯୋଜନାକୁ ନେଇ ଖୁସି ବ୍ୟକ୍ତ କରିଥିଲେ । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହି ଯୋଜନା ଲାଭଦାୟକ ହୋଇଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି ।

ରାୟଗଡ଼ା ଜିଲ୍ଲାରେ ୪୮ ହଜାର ୬୦୬ ଜଣ ଚାଷୀଙ୍କୁ ଏହି ଯୋଜନାରେ ୧୯ତମ କିସ୍ତି ପ୍ରଦାନ କରାଯାଇଛି ।

କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ୍‌ରେ କିଷାନ ସମ୍ମାନନିଧି ଯୋଜନାରେ ପଞ୍ଜୀକୃତ ୧ ଲକ୍ଷ ୫୨ ହଜାର ୫୪୫ ଜଣ ଚାଷୀ ଆଜି ୧୯ତମ କିସ୍ତି ପାଇଛନ୍ତି ।

ଭଦ୍ରକ ଜିଲ୍ଲା ସହିଦ୍ ସ୍ମୃତି ଭବନ ଟାଉନ୍ ହଲ୍‌ଠାରେ ୧ ଲକ୍ଷ ୫୯ ହଜାର ୫୦୪ ଜଣ ଚାଷୀଙ୍କୁ ସହାୟତା ଦିଆଯାଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ସହାୟତା ପାଇଥିବା ଜଣେ ହିତାଧିକାରୀ ସୁବାସ ଚନ୍ଦ୍ର ପରିଡ଼ା ଆକାଶବାଣୀକୁ କହିଛନ୍ତି :

***Voice*** :........

ନୟାଗଡ଼ ଜିଲ୍ଲା କୃଷି ବିଜ୍ଞାନ ପରିସରରେ ଆଜି ଜିଲ୍ଲାର ୫୦ ହଜାର ପଞ୍ଜୀକୃତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି ।

ଗଞ୍ଜାମ ଜିଲ୍ଲାର ୧ ଲକ୍ଷ ୭୦ ହଜାର ୧୯୩ ଜଣ ଚାଷୀଙ୍କୁ ପି.ଏମ୍. କିଷାନ ସମ୍ମାନନିଧି ଯୋଜନାର ୧୯ତମ ସହାୟତା ରାଶି ପ୍ରଦାନ କରାଯାଇଛି ।

***Desk***

## ମୁଖ୍ୟମନ୍ତ୍ରୀ - ଉତ୍ତରପ୍ରଦେଶ ଗସ୍ତ

ଉତ୍ତର ପ୍ରଦେଶ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅଯୋଧ୍ୟାରେ ରାମଲଲାଙ୍କ ଦର୍ଶନ କରିଛନ୍ତି। ଏହି ସମୟରେ ସେ ଓଡ଼ିଶାବାସୀଙ୍କ ପକ୍ଷରୁ ପ୍ରାର୍ଥନା କରିବା ସହ ସମସ୍ତଙ୍କ ସୁଖସମୃଦ୍ଧି କାମନକା

କରିଥିବା ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ ଲାଗି ଅତିଥିଭବନ ନିର୍ମାଣ କରିବା ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଉତ୍ତରପ୍ରଦେଶ ସରକାର ଜମି ଯୋଗାଇ ଦେବା ପରେ ରାଜ୍ୟ ସରକାର ଅତିଥିଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ। ସୂଚନାଯୋଗ୍ୟ, ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତ୍ରିବେଣୀ ସଙ୍ଗମରେ ଗଙ୍ଗା ଆରତୀ କରିବା ସହ ମହାକୁମ୍ଭରେ ବୁଡ଼ ପକାଇଥିଲେ।

***IPR***

# ନିର୍ବାଚନ ଅଧିକାରୀ ସମ୍ମିଳନୀ

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆସନ୍ତା ମାସ ୪ ତାରିଖରୁ ନୂଆଦିଲ୍ଲୀସ୍ଥିତ ଭାରତ-ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପ୍ରବନ୍ଧନ ସଂସ୍ଥାନଠାରେ ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯିବ । ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଯୋଗଦେବେ । ଏହି ସମ୍ମିଳନୀରେ ଆଧୁନିକ ନିର୍ବାଚନ ପରିଚାଳନାର ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା ହେବ । ସୂଚନା ଓ ପ୍ରଯୁକ୍ତି ସଂରଚନା, ପ୍ରଭାବଶାଳୀ ଯୋଗାଯୋଗ, ସାମାଜିକ ଗଣମାଧ୍ୟମର ପ୍ରସାର ବୃଦ୍ଧି ଆଦି ସମ୍ପର୍କରେ ଆଲୋଚନା କରାଯିବ । ସୂଚନା ଅନୁସାରେ, ଜ୍ଞାନେଶ କୁମାର

ଦେଶର ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ପ୍ରଥମ ସମ୍ମିଳନୀ ହେବ ।

***Desk***

## ଧର୍ମେନ୍ଦ୍ର - ବାତ୍ସଲ୍ୟ ଯୋଜନା

ସମ୍ବଲପୁର ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଭୁକ୍ତ ଅନାଥ ଓ ଅନଗ୍ରସର *୨୬୬* ଜଣ ପିଲାମାନଙ୍କୁ ସହାୟତା ରାଶି ବଣ୍ଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ କହିଛନ୍ତି, କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପରଚାଳିତ ମିଶନ୍ ବାତ୍ସଲ୍ୟ ଯୋଜନା ଅଧୀନରେ ନିରାଶ୍ରୟ ଶିଶୁମାନଙ୍କୁ ରାହା ଦେଖାଇବାପାଇଁ ପ୍ରୟାସ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରତ୍ୟେକ ପିଲାଙ୍କ ପାଇଁ ଏକ ସୁସ୍ଥ ଓ ସୁଖମୟ ଶୈଶବ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ଆଗକୁ ବଢ଼ିବାରେ ସହଯୋଗ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଶ୍ରୀ ପ୍ରଧାନ ଭିକ୍ଷାବୃତ୍ତିରେ ନିୟୋଜିତ ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହି ଯୋଜନାରେ ସାମିଲ୍ କରିବାପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ, ମିଶନ ବାତ୍ସଲ୍ୟ-୨୦୨୨ ମସିହାରେ ଆରମ୍ଭ ହୋଇଥିଲା । ସରକାର ଏହି ଯୋଜନାରେ ପିଲାମାନଙ୍କୁ ପ୍ରତି ମାସରେ ୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରଥା'ନ୍ତି ।

*HS*

## ଲିଙ୍ଗରାଜ - ଜାଗର ପ୍ରସ୍ତୁତି

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବ୍ୟବସ୍ଥାର ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି । ମନ୍ତ୍ରୀ ମନ୍ଦିରର ବିଭିନ୍ନ ନିଯୋଗ ସହିତ ଆଲୋଚନା କରି ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ରାତି ୧୦ଟାରେ ପ୍ରଭୁ ଲିଙ୍ଗରାଜଙ୍କର ମହାଦୀପ ଯେପରି ସୁରୁଖୁରୁରେ ଉଠିବ, ସେନେଇ ମନ୍ତ୍ରୀ ଆଲୋଚନା କରିଛନ୍ତି । ମନ୍ତ୍ରୀ କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ସ୍ୱତନ୍ତ୍ର ଭାବେ ସି.ସି.ଟି.ଭି.ର ବ୍ୟବସ୍ଥା କରାଯିବ । ଶ୍ରଦ୍ଧାଳୁମାନେ କେଉଁ ଦ୍ୱାର ଦେଇ ପ୍ରବେଶ କରିବେ ଏବଂ ପ୍ରସ୍ଥାନ କରିବେ, ସେନେଇ ବିଚାରବିମର୍ଷ ଚାଲିଛି । ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ପୂଜାର୍ଚ୍ଚନାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

*Desk*

## ଟ୍ରାଭେଲ୍ ବଜାର

ଆନ୍ତର୍ଜାତିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜିଠାରୁ ଭୁବନେଶ୍ୱରରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ ହେଉଛି । ଭାରତୀୟ ବାଣିଜ୍ୟ ଶିଳ୍ପ ମହାସଂଘ ସହଭାଗିତାରେ ରାଜ୍ୟ

ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Sambalpur/R***

## ସମ୍ବଲପୁର - ଫୁଟ୍‌ବଲ

ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୧୩ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଉଦ୍‌ଘାଟନ କରିଛନ୍ତି । ପ୍ରଥମ ଦିନରେ ଦିବାରାତ୍ର ଏହି ମ୍ୟାଚ୍‌ର ସମଲେଶ୍ୱରୀ ସ୍ପୋର୍ଟିଂ ଓ ରାଞ୍ଚି ମଧ୍ୟରେ ଖେଳାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବଲପୁର ଫୁଟବଲ ଏକାଡେମୀର ସୂଚନା ଅନୁସାରେ, ଆସନ୍ତା ମାସ ୨ ତାରିଖରେ ଓଡ଼ିଶା ଓ କୋଲକାତା ମଧ୍ୟରେ ଏକ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ ହେବ ।

***Desk***

# ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଉଥିବା ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍‌ର ମହିଳା ବର୍ଗରେ ଭାରତ ଓ ନେଦରଲାଣ୍ଡ ମଧ୍ୟରେ ମୁକାବିଲା ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ନେଦରଲାଣ୍ଡ ୪–୨ ଗୋଲ୍‌ରେ ଅଗ୍ରଣୀ ରହିଛି ।

ସନ୍ଧ୍ୟା ସାଢ଼େ ୭ଟାରେ ପୁରୁଷ ବର୍ଗରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଆଜି ଅପରାହ୍ଣ ୩ଟାରେ ପୁରୁଷ ବର୍ଗରେ ଖେଳାଯାଇଥିବା ମ୍ୟାଚ୍‌ରେ ଜର୍ମାନୀ’ ଆୟାର୍ଲାଣ୍ଡକୁ ୮–୨ ଗୋଲ୍‌ରେ ପରାସ୍ତ କରିଛି ।

***All PTCs***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଖଡ଼ିଆଳଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ବରଗଡ଼ ଜିଲ୍ଲା ଭେଡେନ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୬୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ବାଘମାରୀ ପଞ୍ଚାୟତରେ ଆଜି ୧୧୪ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ବୌଦ୍ଧ ଜିଲ୍ଲାର ଶଗଡ଼ା ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ୪୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ୧୦୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ତୁଙ୍ଗାମାଳ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ୫୫ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ସେହିପରି ଗଜପତି ଜିଲ୍ଲାରେ ୮୧ଟି, ସୁବର୍ଣ୍ଣପୁରରେ ୬୨ଟି ଏବଂ ରାୟଗଡ଼ା ଜିଲ୍ଲାରେ ୪୩ଟି ଅଭିଯୋଗର ସମାଧାନ କରାଯାଇଛି ।

ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ହୋଇଥିବା ଖବର ଆମର ହସ୍ତଗତ ହେବାରେ ଲାଗିଛି ।

# ପାଣିପାଗ

ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବା ସହ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପରେ ସର୍ବୋଚ୍ଚ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଆଜି ୩୭ଟି ସହରର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଛି । ପାରଳାଖେମୁଣ୍ଡି ଓ ବୌଦ୍ଧଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ଼ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*****